ସଂପ୍ରସାରଣ ପୁସ୍ତିକା

# ବ୍ୟବସାୟିକ
# ଛତୁ ଚାଷ




ଲେଖିକା ଓ ସମ୍ପାଦିକା

**ଶ୍ରୀମତୀ ସୁମିତା ଆଚାର୍ଯ୍ୟ**

ବିଷୟବସ୍ତୁ ବିଶେଷଜ୍ଞ (ଗୃହ ବିଜ୍ଞାନ)



**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର-୩




**ଲେଖିକା ଓ ସମ୍ପାଦିକା**

ଶ୍ରୀମତୀ ସୁମିତା ଆଚାର୍ଯ୍ୟ

ବିଷୟବସ୍ତୁ ବିଶେଷଜ୍ଞ (ଗୃହ ବିଜ୍ଞାନ)

**ପ୍ରକାଶକ**

ଡଃ. ଦେବବ୍ରତ ପାଣିଗ୍ରାହୀ

କାର୍ଯ୍ୟକ୍ରମ ସଂଯୋଜକ

କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

**ମୁଦ୍ରଣ:**

ଓଁ ମା ପ୍ରିଣ୍ଟର୍ସ, ଅନୁଗୋଳ

ମୋ: ୯୮୬୧୦୮୮୧୬୯

# ପାଳଛତୁ ଚାଷ

ଓଡ଼ିଶାବାସୀ ଖାଦ୍ୟ ଭାବରେ ବ୍ୟବହାର କରୁଥିବା ଛତୁମାନଙ୍କ ମଧ୍ୟରେ ପାଳଛତୁ ତାର ସ୍ୱାଦ ଓ ସୁଗନ୍ଧ ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ସ୍ଥାନ ଗ୍ରହଣ କରିଛି । ଆମ ରାଜ୍ୟରେ ମାର୍ଚ୍ଚଠାରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଏହି ଛତୁ ଚାଷ କରଯାଇଥାଏ । ଏପରିକି ଶୀତଦିନେ ମଧ୍ୟ ନିୟନ୍ତ୍ରିତ ପରିବେଶରେ ପାଳଛତୁ ଚାଷ କରାଯାଇ ପାରୁଛି । ସ୍ୱଳ୍ପ ପୁଞ୍ଜି ବିନିଯୋଗରେ ଅଧିକ ଲାଭ, ଅଳ୍ପ ଜାଗାରେ ଅଧିକ ଉତ୍ପାଦନ ଏବଂ ବର୍ଷସାରା ରୋଜଗାରକ୍ଷମ ହୋଇଥିବାରୁ ଗ୍ରାମୀଣ ମହିଳା ଓ ଯୁବକମାନେ ଏହାକୁ ବ୍ୟବସାୟିକ ଭିତ୍ତିରେ ଗ୍ରହଣ କରିସାରିଲେଣି ।

**ପାଳଛତୁ ଚାଷପାଇଁ ଆବଶ୍ୟକୀୟ ପରିବେଶ:**

**ତାପମାତ୍ରା :** ୨୫° ରୁ ୩୮° ସେଣ୍ଟିଗ୍ରେଡ୍ ତାପମାତ୍ରାରେ ପାଳଛତୁ ଭଲଭାବରେ ବଢ଼ିଥାଏ । ତେଣୁ ଫେବୃଆରୀ ୧୫ ତାରିଖରୁ ଆରମ୍ଭ କରି ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ପାଳଛତୁ ଚାଷ କରାଯାଇପାରିବ । ଏପ୍ରିଲ୍‌ରୁ ଜୁନ୍ ମାସ ପର୍ଯ୍ୟନ୍ତ ତାପମାତ୍ରା ଅଧିକ ରହୁଥିବାରୁ ଛତୁ ଘର ଚଟାଣ ଉପରେ ପାଣି ଢାଳି ଦିଆଯାଏ କିମ୍ବା ବାଲି ଶଯ୍ୟା ପ୍ରସ୍ତୁତ କରି ପାଣି ମଧ୍ୟ ସିଞ୍ଚନ କରି ପାଳଛତୁ ଚାଷ କରାଯାଇଥାଏ । ଛତୁ ଘର ଚାରିପଟରେ ଅଖା, ବେଣାଚେର କିମ୍ବା ମଶିଣାର ପରଦାକୁ ଓଦା ରଖି ତାପମାତ୍ରା କମ୍ କରାଯାଇଥାଏ ।

**ଆର୍ଦ୍ରତା :** ବାୟୁମଣ୍ଡଳର ଆର୍ଦ୍ରତା ୭୫-୯୫% ରହିଲେ ଛତୁ ଅମଳ ଆଶାନୁରୂପ ହୋଇଥାଏ । ଛତୁ ଗୃହର ତାପମାତ୍ରା ଓ ଆର୍ଦ୍ରତା ସଠିକ୍ ଭାବରେ ଜାଣିବା ପାଇଁ ଥର୍ମୋହାଇଗ୍ରୋମିଟର ବ୍ୟବହାର କରାଯାଏ ।

**ଆଲୋକ :** ଛତୁ ଫିମ୍ପିର ବୃଦ୍ଧି ଓ ଅଧିକ ଉତ୍ପାଦନ ପାଇଁ ଖୋଲାଘର, ସିଧାସଳଖ ସୂର୍ଯ୍ୟକିରଣ ନ ପଡୁଥିବା ସ୍ଥାନ, ଗଛ ଛାଇ ତଳ ଉତ୍ତମ ହୋଇଥାଏ ।

**ଅମ୍ଳତା :** ପାଳ ଛତୁ ଚାଷରେ ବ୍ୟବହାର କରାଯାଉଥିବା ନଡ଼ାର ଅମ୍ଳତା ୬ ରୁ ୭ ପର୍ଯ୍ୟନ୍ତ ରହିବା ଆବଶ୍ୟକ । ତେଣୁ ନଡ଼ା ବତୁରାଇବା ସମୟରେ ଶତକଡ଼ା ୨ ଭାଗ

ଚୂନ ପ୍ରୟୋଗ କଲେ ନଡ଼ା ବିଶୋଧନ ସହିତ ନଡ଼ାର ଅମ୍ଳତା ରକ୍ଷା କରାଯାଇପାରିବ ।

**ପରିଷ୍କାର ପରିଚ୍ଛନ୍ନତା:**

- ନଡ଼ାକୁ ବିଶୁଦ୍ଧ ପାଣିରେ ପରିଷ୍କାର ସିମେଣ୍ଟ କୁଣ୍ଡରେ ବତୁରାଇବା ଆବଶ୍ୟକ । ନଡ଼ାକୁ ଗରମ ପାଣିରେ ଅଧା ଘଣ୍ଟା କିମ୍ବା ୧୦ ଲିଟର ପାଣିରେ ୧ ମି.ଲି. ଫରମାଲିନ ଓ ୮ ଗ୍ରାମ ବାଭିଷ୍ଟିନ ବ୍ୟବହାର କରି ବିଶୋଧନ କରାଯାଇଥାଏ ।
- ପ୍ରତି ସପ୍ତାହରେ ଛତୁ ଗୃହ ବା ସ୍ଥାନକୁ ବ୍ଲିଚିଂ ପାଉଡ଼ର ଦ୍ୱାରା ବିଶୋଧନ କରିବା ଆବଶ୍ୟକ ।
- ୨-୩ ମାସରେ ଥରେ ଲେଖାଏଁ ସମ୍ପୂର୍ଣ୍ଣ ଘରଟିକୁ ଫାର୍ମାଲିନ ଦ୍ୱାରା ସ୍ପ୍ରେ କରି ବିଶୋଧନ କରିବା ଉଚିତ ।
- ଛତୁରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଖତ କିମ୍ବା ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଇଥାଏ ।

ଛତୁ ଚାଷ ପରେ ବାହାରୁଥିବା ବର୍ଜ୍ୟବସ୍ତୁ



**ଉତ୍କୃଷ୍ଟ ଛତୁ ବିହନ:**

- ଛତୁ ମଞ୍ଜିର ରଙ୍ଗ ସର୍ବଦା ଇଷତ୍ ଧଳା, ଇଷତ୍ ହଳଦିଆ ଏବଂ ଇଷତ୍ ବାଦାମି ରଙ୍ଗର ହୋଇଥାଏ ।
- ଛତୁ ମଞ୍ଜି ତିଆରି ହେବାର ୧ ମାସ ମଧ୍ୟରେ ଛତୁ ବିହନ ବ୍ୟବହାର କଲେ ଉତ୍ପାଦନ ଅଧିକ ହୋଇଥାଏ ।

**ଛତୁ ଚାଷ ପାଇଁ ଆବଶ୍ୟକୀୟ ଉପାଦାନ**

ସ୍ଥାୟୀ ଉପାଦାନ : ଗୃହ/ସ୍ଥାନ, ନଡ଼ା ବତୁରାଇବା କୁଣ୍ଡ ନଡ଼ାକଟା ଯନ୍ତ୍ର, ବାଉଁଶର ଥାକ, ସ୍ପ୍ରେୟର, ପଲିଥିନ୍ ଚାଦର, ଥର୍ମୋହାଇଗ୍ରୋମିଟର ।

ଅସ୍ଥାୟୀ ଉପାଦାନ : ନଡ଼ା, ଛତୁମଞ୍ଜି, ଖାଦ୍ୟ, ଫରମାଲିନ, ବ୍ଲିଚିଂ ପାଉଡ଼ର, ଚୂନ, ବାଭିଷ୍ଟିନ୍ ଇତ୍ୟାଦି ।

## ଚାଷ ପ୍ରଣାଳୀ

- ୨-୩ ମାସ ପୁରୁଣା, ଧଳା ମୂଳିଆ ଧାନ (୧୦୦୯, ୧୦୧୮, ୧୨୪୨, ୧୦୧୪ କିସମ ଇତ୍ୟାଦି) ନଡ଼ାକୁ ୧.୫ /୨ ଫୁଟ ଲମ୍ବରେ କାଟି କୁଣ୍ଡରେ ୧୦-୧୨ ଘଂଟା ବତୁରାଇ ରଖାଯାଏ। ପ୍ରତି ବେଡ଼ ପାଇଁ ୧୨-୧୫ କି.ଗ୍ରା. ନଡ଼ା ଆବଶ୍ୟକ।



ପାଳଛତୁ ଚାଷ ପାଇଁ ନଡ଼ା କାଟିବା

- ନଡ଼ାକୁ ପାଣିରୁ ଛାଣି ଆଣି ସିଧା କରି ୧-୨ ଘଣ୍ଟା ରଖିବା ପରେ ନଡ଼ାର ଆର୍ଦ୍ରତା ୬୫ ପ୍ରତିଶତ ରହିଥାଏ।



ନଡ଼ାକୁ ପାଣି କୁଣ୍ଡରେ ବତୁରାଇବା

- ସମ୍ପୂର୍ଣ୍ଣ ବୃଦ୍ଧି ପାଇଥିବା ମଞ୍ଜି ଭାଙ୍ଗି ଖଣ୍ଡଖଣ୍ଡ କରି ତାକୁ ୪ ଭାଗ କରାଯାଇଥାଏ।
- ଡ଼ାଲି ଗୁଣ୍ଡକୁ (୨୦୦ଗ୍ରାମ) ମଧ୍ୟ ୪ ଭାଗ କରାଯାଇଥାଏ ଏବଂ ଖର୍ଚ୍ଚ କମାଇବା ପାଇଁ ଗହମ ଚୋକଡ଼ ବା କୁଣ୍ଡା, କୋଳଥଗୁଣ୍ଡ ବ୍ୟବହାର କରାଯାଇପାରିବ।



ଛତୁ ମଞ୍ଜିକୁ ୪ ଭାଗ କରିବା

- ବାଉଁଶ ଭାଡ଼ି ପ୍ରସ୍ତୁତ କରି ତା ଉପରେ ପ୍ରଥମସ୍ତର ନଡା ୬ ଇଂଚ ବହଳରେ ସଜାଇ ରଖାଯାଏ। ନଡ଼ାର ପାର୍ଶ୍ୱରୁ ୧.୫ ଇଂଚ ଛାଡ଼ି ୧ ଭାଗ ମଞ୍ଜିକୁ ଚାରିକଡ଼ରେ ରଖାଯାଏ ଏବଂ ତାପରେ ୧ ଭାଗ ଡ଼ାଲିଗୁଣ୍ଡକୁ ମଞ୍ଜି ଉପରେ ସିଂଚି ଦିଆଯାଇଥାଏ।



ନଡ଼ା ସ୍ତରରେ ମଞ୍ଜି ଓ ବେସନ

- ଦ୍ୱିତୀୟ ସ୍ତରରେ ସେହିପରି ନଡ଼ାକୁ ବିପରୀତ ଦିଗରେ ବିଛାଇ ମଞ୍ଜି ଓ ଡ଼ାଲିଗୁଣ୍ଡକୁ ରଖାଯାଏ।
- ତୃତୀୟ ସ୍ତରରେ ବାକି ଦୁଇଭାଗ ମଞ୍ଜି ଓ ଦୁଇଭାଗ ଡାଲିଗୁଣ୍ଡ ପ୍ରୟୋଗ କରାଯାଏ।
- ଚତୁର୍ଥ ସ୍ତର ପାଇଁ ୨-୩ ଇଂଚ ବହଳରେ ନଡ଼ା ପତଳା କରି ବିଛାଇ ଧଳା ପଲିଥିନ୍ ଚାଦର ଘୋଡ଼ାଇ ଦିଆଯାଏ।
- ୮-୧୦ ଦିନ ପରେ ବେଡ଼ର ଆର୍ଦ୍ରତା ଅନୁଯାୟୀ ସିଂଚା ପାଣି ଦିଆଯାଏ।

**ଛତୁ ଅମଳ**

ବେଡ଼ ପଡ଼ିବାର ୧୧-୧୨ ଦିନ ମଧ୍ୟରେ ଛତୁ ଫୁଟିବା ଆରମ୍ଭ ହୋଇଥାଏ। ପ୍ରଥମ ପର୍ଯ୍ୟାୟରେ ୭୦-୮୦ ଭାଗ ଓ ଦ୍ୱିତୀୟ ପର୍ଯ୍ୟାୟରେ (ଏକ ସପ୍ତାହ ମଧ୍ୟରେ) ୨୦ଭାଗ ଛତୁ ଫୁଟିଥାଏ। ସମୁଦାୟ ବେଡ଼ ପ୍ରତି ୧-୧.୫ କି.ଗ୍ରା. ଛତୁ ଅମଳ କରାଯାଇଥାଏ। କଢ଼ ଅବସ୍ଥାରେ ତୋଳି ପ୍ୟାକିଂ କରି ବିକ୍ରୟ କରାଯାଏ।

# ଧିଙ୍ଗରୀ ଛତୁ ଚାଷ

**ପ୍ରାକୃତିକ ପରିବେଶ :**

ଧିଙ୍ଗରୀ ଛତୁ ସାଧାରଣତଃ ଶୀତଦିନେ ଚାଷ କରାଯାଏ। ଆମ ରାଜ୍ୟରେ ଏହା ୨୦° ରୁ ୩୦° ସେଲସିୟସ୍ ଉତ୍ତାପ ମଧ୍ୟରେ ଭଲ ବଢ଼େ। ଏହି ଛତୁ ପାଇଁ ବାୟୁର ଆପେକ୍ଷିକ ଆର୍ଦ୍ରତା ଶତକଡ଼ା ୮୦ ରୁ ୮୫ ଭାଗ ହେବା ଉଚିତ୍। ଧିଙ୍ଗରୀ ଛତୁ ପାଇଁ ପ୍ରଥମ ୧୫ ଦିନ ଅଙ୍ଗାରକାମ୍ଳ ବାଷ୍ପ ବେଶି ଦରକାର ହୋଇଥାଏ। ତେଣୁ ପଲିଥିନ୍ ବ୍ୟାଗ୍ ଗୁଡ଼ିକ ପ୍ରଥମେ ବନ୍ଦ ଘରେ ରଖାଯାଏ। ୧୫ ଦିନ ପରେ ସେଗୁଡ଼ିକୁ ଖୋଲାଘରେ ରଖାଯାଏ। ନଭେମ୍ବର ମାସରୁ ଆରମ୍ଭ କରି ଫେବୃଆରୀ ମାସ ପର୍ଯ୍ୟନ୍ତ ଏହି ଛତୁ ଚାଷ କରାଯାଇଥାଏ।

**ଆବଶ୍ୟକ ଉପାଦାନ**

- ଧାନ ଓ ଗହମ ନଡ଼ା/ମକା ଧଣ୍ଡି/ଆଖୁଛେଦା/କଦଳୀ ପତ୍ର/ସୂର୍ଯ୍ୟମୁଖୀ ଡାଙ୍ଗ ଇତ୍ୟାଦି
- ୨୦୦ ଗ୍ରାମ ମଞ୍ଜି, ୨୦୦ ଗ୍ରାମ ସିଝା ଗହମ/ଚୋପା ଲଗା ଡାଲିଗୁଣ୍ଡ/କୁଣ୍ଡା ଓ ଚୋକଡ଼
- ପଲିଥିନ୍ ବ୍ୟାଗ (୮୦ X ୪୦ ସେ.ମି.)

**ଚାଷ ପ୍ରଣାଳୀ**

- ଦେଶୀ ଧଳାମୂଳୀଆ ତଥା ବେଙ୍ଗଳା ପଡ଼ି ନଥିବା ନଡ଼ା ବ୍ୟବହାର କରନ୍ତୁ।
- ନଡ଼ାକୁ ୩ ରୁ ୫ ସେମି ଆକାରରେ ନଡ଼ାକଟା ଯନ୍ତ୍ର ବା ଦାଆ ସାହାଯ୍ୟରେ ବାଟନ୍ତୁ।



ନଡ଼ା କଟା ଯନ୍ତ୍ର ସାହାଯ୍ୟରେ ନଡ଼ା କାଟିବା

- ନଡ଼ାକୁ ପରିଷ୍କାର ପାଣି ଭରା କୁଣ୍ଡରେ ୧୨ ଘଣ୍ଟା ବତୁରାନ୍ତୁ। ଗୋଟାଏ ବ୍ୟାଗ ପାଇଁ ଦୁଇ କି.ଗ୍ରା ଶୁଖିଲା ନଡ଼ା ଆବଶ୍ୟକ।
- ଏହାପରେ ନଡ଼ାକୁ ଘଂଟାଏ ପର୍ଯ୍ୟନ୍ତ ଗରମ ପାଣିରେ ସିଝାନ୍ତୁ କିମ୍ବା ରାସାୟନିକ ବିଶୋଧନ କରନ୍ତୁ। ଗରମ ପାଣିରୁ ନଡ଼ା ଛାଣି ଛାଇରେ ୩/୪ ଘଂଟା ଶୁଖାନ୍ତୁ।
- ଛତୁ ମଞ୍ଜିକୁ ବୋତଲରୁ କାଢ଼ି ଗୁଣ୍ଡ କରି ୪ ଭାଗ କରନ୍ତୁ।
- ୨୦୦ ଗ୍ରାମ ଗହମକୁ ୨/୩ ଘଂଟା ବତୁରାଇ ୨୫ ମିନିଟ୍ ସିଝାନ୍ତୁ। ଯେପରି ଗହମ ଚୋପା ଫାଟିଯିବ ନାହିଁ କିମ୍ବା ଦରସିଝା ହେବ ନାହିଁ। ତାକୁ ମଧ୍ୟ ୪ ଭାଗ କରନ୍ତୁ।



ଛତୁ ପଲିଥିନ୍ ବ୍ୟାଗ୍ ପ୍ରସ୍ତୁତି

- ପଲିଥିନ୍ ବ୍ୟାଗ୍‌କୁ ଗୋଟିଏ ପଟକୁ ସୁତୁଲି କିମ୍ବା ରବର ବ୍ୟାଣ୍ଡ ସାହାଯ୍ୟରେ ବାନ୍ଧି ଏକ ବ୍ୟାଗ୍ ପ୍ରସ୍ତୁତ କରନ୍ତୁ ।
- ପଲିଥିନ ବ୍ୟାଗରେ ସ୍ତର ସ୍ତର କରି ମଞ୍ଜି ଓ ଗହମ ମିଶ୍ରଣ ବିଛାଇ ଦିଅନ୍ତୁ । ଏହାପରେ ପଲିଥିନ ବ୍ୟାଗର ଉପରମୁହଁ ବାନ୍ଧି ୧୫/୨୦ ଟି କଣା (ପବନ ଯାତାୟତ) ବ୍ୟାଗର ଚାରିଆଡ଼େ କରିଦିଅନ୍ତୁ ।



ଅନ୍ଧାର ଘରେ ପଲିଥିନ ବ୍ୟାଗରେ ଛତୁ

- ଏହାକୁ ୧୫ ଦିନ ପରିଷ୍କାର ଥିବା ଏକ ଅନ୍ଧାରଘରେ ରଖିଦିଅନ୍ତୁ । ୧୫ ଦିନ ଭିତରେ ଫିମ୍ପି ଚାରିଆଡ଼େ ମାଡ଼ିଯିବ ଏବଂ ଏହାପରେ ପଲିଥିନ ବ୍ୟାଗରୁ ଫିମ୍ପି ପିଣ୍ଡୁଳାକୁ କାଢି ଆଲୋକ ସ୍ଥାନରେ ଟାଙ୍ଗିଦେବେ ।



ଫିମ୍ପି ପିଣ୍ଡୁଳାରେ ପାଣି ସ୍ପ୍ରେ

- ଫିମ୍ପି ପିଣ୍ଡୁଳା କାଢ଼ିବାର ଦିନକ ପରଠାରୁ ପ୍ରତିଦିନ ୨/୩ ଥର ପାଣି ସ୍ପ୍ରେ କରିବେ । ପଲିଥିନ ବ୍ୟାଗ କାଢିବାର ସାତଦିନ ପରେ ପ୍ରଥମ ପର୍ଯ୍ୟାୟରେ ଛତୁ ଫୁଟିବ । ତାପରେ ପ୍ରତି ସାତ ଦିନ ଅନ୍ତରରେ ୩/୪ ଥର ଫୁଟିବ ।

- ଦୁଇ ମାସ ଭିତରେ ୩/୪ ଥରରେ ଗୋଟିଏ ପିଣ୍ଡୁଳାରୁ ୧.୫ କି.ଗ୍ରା ରୁ ଦୁଇ କି.ଗ୍ରା ଛତୁ ଅମଳ ମିଳିଥାଏ ।



ଛତୁ ପିଣ୍ଡୁଳାରୁ ଛତୁ

## ଛତୁ ଫାର୍ମ ପାଇଁ ଆୟବ୍ୟୟ ହିସାବ

ଛତୁ ଚାଷ ଅଳ୍ପ ଜାଗା ଓ କମ ପୁଞ୍ଜିରେ ଅଧିକ ଲାଭ ଦେଇଥାଏ । ୩୦୦ ବର୍ଗ ଫୁଟ ଜାଗାରୁ ଗୋଟିଏ ମାସରେ ୩୦୦ ଟି ପାଳଛତୁ ବେଡ଼ ବର୍ଷା ଓ ଖରାଦିନେ ପକାଯାଇପାରିବ । ସେହି ସ୍ଥାନରେ ଶୀତଦିନେ ପ୍ରତି ଦୁଇମାସରେ ୩୬୦ ଟି ଧିଙ୍ଗରୀ ଛତୁ ପିଣ୍ଡୁଳା କରାଯାଇପାରିବ । ଏଥିପାଇଁ ଆବଶ୍ୟକ ଜିନିଷ ଓ ଖର୍ଚ୍ଚ ଏଠାରେ ଦିଆଯାଇଛି ।

**ସ୍ଥାୟୀ ଖର୍ଚ୍ଚ :**

| କ୍ରମ ନଂ | ଉପକରଣ ନାମ | ପରିମାଣ | ମୂଲ୍ୟ | ଖର୍ଚ୍ଚ |
|---|---|---|---|---|
| ୧. | ଛତୁ ଘର ପ୍ରସ୍ତୁତି ପାଇଁ ୨୫' x ୧୨'=୩୦୦ ବର୍ଗ ଫୁଟ୍ | ୧ | ୮୦/ ବର୍ଗଫୁଟ୍ | ୨୪,୦୦୦/- |
| ୨. | ପାଣି ଟାଙ୍କି (୪' x ୪' x ୩') | ୨ | ୫୦/ ଘନ ଫୁଟ୍ | ୫,୦୦୦/- |
| ୩. | ସିଂଚନ ଯନ୍ତ୍ର (୧୬ ଲିଟର) | ୧ | ୨୦୦୦/- | ୨୦୦୦/- |
| ୪. | ନଡ଼ା କଟା ଯନ୍ତ୍ର | ୨ | ୨୫୦ | ୫୦୦/- |
| ୫. | ଅନ୍ୟାନ୍ୟ ଖର୍ଚ୍ଚ | - | - | ୭୦୦/- |
| ୬. | ପଲିଥିନ୍ ଚାଦର | ୧୮୦ ମିଟର | ୨୫ | ୪୫୦୦/- |
| ୭. | ବାଉଁଶ ଭାଡ଼ି | - | - | ୬୦୦୦/- |

---------------

**ମୋଟ = ଟ ୪୨,୭୦୦/-**

## ୩୦୦ ପାଳଛତୁ ବେଡ଼ ପାଇଁ ଖର୍ଚ୍ଚ (ଏକ ମାସ ପାଇଁ)

| କ୍ରମ ନଂ | ଉପକରଣ ନାମ | ପରିମାଣ | ମୂଲ୍ୟ (ଟ) | ଖର୍ଚ୍ଚ (ଟ) |
|---|---|---|---|---|
| ୧. | ନଡ଼ା (ଗୋଟିଏ ବେଡ଼ ପାଇଁ ୧୫ କି.ଗ୍ରା.) | ୪୫୦୦କି.ଗ୍ରା. | ୧.୦୦ | ୪,୫୦୦/- |
| ୨. | ଛତୁ ମଞ୍ଜି (ଗୋଟିଏ ବେଡ଼ ପାଇଁ ଏକ ବୋତଲ) | ୩୦୦ ବୋତଲ | ୧୦ | ୩,୦୦୦/- |
| ୩. | କୋଳଥ ଗୁଣ୍ଡ/ଡ଼ାଲି ଗୁଣ୍ଡ | ୩୦ କି.ଗ୍ରା. | ୪୦ | ୧,୨୦୦/- |
| | ଗହମ ଚୋକଡ଼ | ୩୦ କି.ଗ୍ରା. | ୧୨ | ୩୬୦/- |
| ୪. | ଶ୍ରମିକ | ୧ | - | ୩,୦୦୦/- |
| ୫. | ଅନ୍ୟାନ୍ୟ ଖର୍ଚ୍ଚ | - | - | ୨୮୦/- |

**ମୋଟ - ଟ. ୧୨,୩୪୦/-**

ଜଣେ ଚାଷୀ ଯଦି ୬ ମାସ ପାଳ ଛତୁ ଚାଷ କରନ୍ତି, ତାହେଲେ ତାଙ୍କର ସମୁଦାୟ ଖର୍ଚ୍ଚ ହିସାବ କରିବା ।

**ମୋଟ ଖର୍ଚ୍ଚ = ଟ. ୧୨,୩୪୦ x ୬ ମାସ**

**= ଟ. ୭୪,୦୪୦/-**

**ଛତୁ ଚାଷରୁ ଆୟ**

ଗୋଟିଏ ପାଳଛତୁ ବେଡ଼ ହାରାହାରି ଏକ କିଲୋଗ୍ରାମ ହିସାବରେ ୩୦୦ଟି ବେଡ଼ରୁ ହାରାହାରି ୩୦୦ କି.ଗ୍ରା. ପାଳଛତୁ ମିଳିଥାଏ । ପ୍ରତି କିଲୋଗ୍ରାମର ବିକ୍ରୟଦର ୭୦ ଟଙ୍କା ହିସାବରେ ସର୍ବମୋଟ ଆୟ ଟ ୨୧,୦୦୦/- ତଥା ୬ ମାସରେ ଟ ୧,୨୬,୦୦୦/= ପାଇପାରିବେ ।

ସେହି ସ୍ଥାନରେ ଶୀତଦିନେ ପ୍ରତି ଦୁଇମାସରେ ୩୬୦ଟି ଧିଙ୍ଗରି ଛତୁ ପିଣ୍ଡୁଳା କରାଯାଇପାରିବ ।

**୩୬୦ ଧିଙ୍ଗରୀ ଛତୁ ବ୍ୟାଗ୍ ପାଇଁ ଖର୍ଚ୍ଚ ( ଦୁଇମାସ ପାଇଁ)**

| କ୍ରମ ନଂ | ଉପକରଣ ନାମ | ପରିମାଣ | ମୂଲ୍ୟ (ଟ) | ଖର୍ଚ୍ଚ (ଟ) |
|---|---|---|---|---|
| ୧. | ନଡ଼ା (ପ୍ରତି ବ୍ୟାଗ ପାଇଁ ଦୁଇ କି.ଗ୍ରା.) | ୭୨୦ କି.ଗ୍ରା. | ୧.୦୦ | ୭୨୦/- |
| ୨. | ଛତୁ ମଞ୍ଜି (ଏକ ବୋତଲ) | ୩୬୦ ବୋତଲ | ୧୦ | ୩,୬୦୦/- |
| ୩. | ସିଝା ଗହମ ଦାନା (୨୦୦ ଗ୍ରାମ) | ୭୨ କି.ଗ୍ରା. | ୨୦ | ୧,୪୪୦/- |
| ୪. | ଶ୍ରମିକ | ୧ | - | ୩,୦୦୦/- |
| ୫. | ଅନ୍ୟାନ୍ୟ ଖର୍ଚ୍ଚ | - | - | ୨୫୦/- |
| ୬. | ପଲିଥିନ୍ | ୩୬୦ | ୨ | ୭୨୦/- |

**ମୋଟ = ଟ. ୯,୭୩୦/-**

୬ ମାସ ପାଇଁ ଖର୍ଚ୍ଚ = ଟ ୯,୭୩୦ X ୩ = ୨୯,୧୯୦/-

ତେଣୁ ଗୋଟିଏ ଧିଙ୍ଗରୀ ଛତୁ ବ୍ୟାଗ୍‌ରୁ ହାରାହାରି ୨ କି.ଗ୍ରା. ହିସାବରେ ୭୨୦ କି.ଗ୍ରା. ଛତୁ ମିଳିଥାଏ । ପ୍ରତି କିଲୋଗ୍ରାମ ବିକ୍ରୟ ଦର ୪୦ଟଙ୍କା ହିସାବରେ ସର୍ବମୋଟ ଆୟ ୨୮,୮୦୦ ଟଙ୍କା ତଥା ୬ ମାସରେ ଟ. ୮୬,୪୦୦ ମିଳିପାରିବ ।

**ବାର୍ଷିକ ଲାଭ**

ସ୍ଥାୟୀ ଖର୍ଚ୍ଚ = ଟ୪୨,୭୦୦

ଅସ୍ଥାୟୀ ଖର୍ଚ୍ଚ = ପାଳଛତୁ + ଧିଙ୍ଗରୀ ଛତୁ

= ୭୪,୦୪୦/- + ୨୯,୧୯୦/- = ୧,୦୩,୨୩୦/-

ମୋଟ ଆୟ = ପାଳ ଛତୁ + ଧିଙ୍ଗରୀ ଛତୁ

= ଟ. ୧,୨୬,୦୦୦ + ଟ.୮୬,୪୦୦ = ଟ୨,୧୨,୪୦୦/-

**ମୋଟ ଲାଭ = ଟ. ୨,୧୨,୪୦୦ - ଟ ୧,୦୩,୨୩୦=ଟ. ୧,୦୯୧୭୦/-**

ତେଣୁ ଛତୁ ଚାଷ କରି ଜଣେ ଚାଷୀ ମାସକୁ ହାରାହାରି ୮ ରୁ ୯ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବ ।

ଏତଦ୍‌ବ୍ୟତୀତ ବ୍ୟବସାୟିକ ଭିତ୍ତିରେ ଛତୁ ଓ ଛତୁ ବିହନ ଉତ୍ପାଦନକୁ ମଧ୍ୟ କୃଷି ଉଦ୍ୟୋଗ ଭାବେ ଗ୍ରହଣ କରାଯାଇପାରିବ।

ଛତୁ ପକ୍ରିୟାକରଣ ମଧ୍ୟ ଏକ ଲାଭଜନକ ବ୍ୟବସାୟ ଯାହା ମହିଳା ଚାଷୀମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କରିବା ସରଳ ଏବଂ ଉପାର୍ଜନକ୍ଷମ କରାଯାଇପାରିବ।

ଛତୁ ଚାଷ ପରେ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ମଧ୍ୟ ଆମେ ଉପଯୋଗ କରି ଜିଆଗତ ପ୍ରସ୍ତୁତ କରିପାରିବା ଯାହା ଫଳରେ ଚାଷୀଭାଇମାନେ ଜିଆଗତ ଓ ଜିଆ ବିକ୍ରୟ କରି ଅଧିକ ଲାଭବାନ ମଧ୍ୟ ହୋଇପାରିବେ।

ଛତୁଚାଷ ସମ୍ବନ୍ଧୀୟ ଯେ କୌଣସି ଜ୍ଞାନ କୌଶଳ ଏବଂ ସମସ୍ୟାର ସମାଧାନ ପାଇଁ କୃଷି ବିଜ୍ଞାନ କେନ୍ଦ୍ର କିମ୍ବା ଗ୍ରୀଷ୍ମ ମଣ୍ଡଳୀୟ ଛତୁ ଗବେଷଣା ଓ ତାଲିମ କେନ୍ଦ୍ର, ଓଡ଼ିଶା କୃଷି ଓ ବୈଜ୍ଞାନିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ।

# ଛତୁରୁ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି

## ଛତୁ ପାଉଡ଼ର

**ସାମଗ୍ରୀ : ଛତୁ-୧କେ.ଜି.**

- ଛତୁକୁ ଭଲଭାବରେ ବାଛି ମେଟା ବାଇ ସଲ୍‌ଫାଇଟ ପାଣିରେ ପକାଇ ଧୋଇ ଦିଅନ୍ତୁ, ଏବଂ ଖରାରେ ଶୁଖାନ୍ତୁ।
- ଦୁଇ ବା ତିନି ଦିନ ଶୁଖାଇବା ଫଳରେ ଛତୁ ଶୁଖି ୧୦୦ ଗ୍ରାମ୍ ହେବ।
- ଶୁଖି ଯାଇଥିବା ଛତୁକୁ ସୁପ୍ ପାଉଡ଼ର କରାଯାଇ ପାରିବ କିମ୍ବା ପାଣିରେ ବତୁରାଇ ରନ୍ଧା ଯାଇପାରିବ।

**ଛତୁ ବଡ଼ି**

| | | |
|---|---|---|
| **ସାମଗ୍ରୀ :** | ଛତୁ - ୧କେ.ଜି. | ଲଙ୍କା ଗୁଣ୍ଡ - ୨୫ ଗ୍ରାମ |
| | ବିରି - ୫୦୦ ଗ୍ରାମ | ହଳଦୀ ଗୁଣ୍ଡ - ୫୦ ଗ୍ରାମ |
| | ଜୀରା - ୨୦ ଗ୍ରାମ | ଚାଉଳ - ୧୫୦ ଗ୍ରାମ |

- ଛତୁକୁ ବାଛି ଭଲଭାବରେ ଧୋଇ ଶୁଖାଇ ଦିଅନ୍ତୁ।

- ବିରି ଓ ଚାଉଳ ବଟୁରି ଗଲାପରେ ଜୀରା, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ଏବଂ ଶୁଖା ଛତୁକୁ ଏକାଠି ବାଟି ଦିଅନ୍ତୁ।
- ବଟା ମିଶ୍ରଣକୁ ଭଲଭାବରେ ଫେଣ୍ଟି ଛୋଟ ଛୋଟ ବଡ଼ି ପକାଇ ଖରାରେ ଶୁଖାନ୍ତୁ।

## ଛତୁ ପାମ୍ପଡ଼

**ସାମଗ୍ରୀ :**

| | |
|---|---|
| ବିରି - ୫୦୦ ଗ୍ରାମ | ଜୀରାଗୁଣ୍ଡ - ୧୫ ଗ୍ରାମ |
| ଛତୁ ପାଉଡ଼ର - ୧୦୦ ଗ୍ରାମ | ଖାଇବା ସୋଡ଼ା - ୫ ଗ୍ରାମ |
| ଗୋଲମରିଚ - ୨୦ ଗ୍ରାମ | ଲୁଣ - ସ୍ୱାଦ ଅନୁଯାୟୀ |

- ବିରିକୁ ଭଲ ଭାବରେ ମଇଦା ପରି ଗୁଣ୍ଡ କରନ୍ତୁ।
- ବିରି ଗୁଣ୍ଡ, ଛତୁ ପାଉଡ଼ର, ଗୋଲମରିଚ, ଖାଇବା ସୋଡ଼ା, ଲୁଣ ଓ ଅଳ୍ପ ତେଲ ଦେଇ ଭଲଭାବରେ ମିଶାଇ ପାଣି ଦେଇ ତାକୁ ଚକଟନ୍ତୁ।
- ଚକଟା ନରମ ହେଲା ପରେ ତାକୁ ଛୋଟ ଛୋଟ ଗୋଳା କରି ବେଲି ଅଳ୍ପ ଖରାରେ ଶୁଖାନ୍ତୁ।

## ଛତୁ ରାଗ ଆଚାର

ସାମଗ୍ରୀ:

| | |
|---|---|
| ଛତୁ - ୧ କେ.ଜି. | ପିଆଜ - ୧୦ ଗ୍ରାମ |
| ତେଲ - ୩୦୦ ଗ୍ରାମ | ରସୁଣ - ୧୦୦ ଗ୍ରାମ |
| ତେନ୍ତୁଳି - ୨୫୦ ଗ୍ରାମ | ଅଦା - ୫୦ ଗ୍ରାମ |
| ଭିନେଗାର - ୧୫୦ ଗ୍ରାମ | ମେଥି, ମଧୁରୀ, କଳାଜୀରା- ୫+୫+୫ ଗ୍ରାମ |
| ଜୀରାଗୁଣ୍ଡ - ୩ ଗ୍ରାମ | ହେଙ୍ଗୁ - ୧୦ ଗ୍ରାମୟ |
| ଲଙ୍କାଗୁଣ୍ଡ - ସ୍ୱାଦ ଅନୁଯାୟୀ | ଗରମ ମସଲା - ୧୦ ଗ୍ରାମ |
| ହଳଦୀ ଗୁଣ୍ଡ - ୧୦ ଗ୍ରାମ | ଲୁଣ - ସ୍ୱାଦ ଅନୁଯାୟୀ |
| | ଆସେଟିକ୍ ଏସିଡ଼-୧୦ ମି.ଲି. |

- ଛତୁକୁ ଭଲ ଭାବରେ ଧୋଇ କାଟି ୧୦୦ ଗ୍ରାମ ତେଲରେ ଭାଜନ୍ତୁ।
- ଛତୁରୁ ପାଣି ବାହାରି ବାଦାମୀ ରଙ୍ଗ ହେଲାପରେ କାଢି ଦିଅନ୍ତୁ।

- ଗୋଟିଏ ପାତ୍ରରେ ୧୦୦ ଗ୍ରାମ ତେଲ ଗରମ କରି ଛୋଟ ଛୋଟ କଟାଯାଇଥିବା ଅଦା, ରସୁଣ ଓ ପିଆଜକୁ ଭାଜି ଛତୁରେ ଗୋଳାଇ ଦିଅନ୍ତୁ।
- ଅବଶିଷ୍ଟ ତେଲକୁ ଗରମ କରି ହେଙ୍ଗୁ, ମେଥି, ପାନ ମଧୁରୀ ପକାଇ ଦିଅନ୍ତୁ। ତାପରେ ହଳଦୀ, ଲଙ୍କା ଗୁଣ୍ଡ, ଲୁଣ, ଭିନେଗାର, ତେନ୍ତୁଳି ମଣ୍ଡ ଦେଇ ପ୍ରସ୍ତୁତ ହୋଇଥିବା ଛତୁ ଭଜାକୁ ପକାଇ ଭଲ ଭାବରେ ଗୋଳାଇ ଜୀରା ଗୁଣ୍ଡ, ଗରମ ମସଲା ଗୁଣ୍ଡ ପକାଇ ଆସେଟିକ ଏସିଡ୍ ଦେଇ ଗରମ ଅବସ୍ଥାରେ ବୋତଲରେ ରଖି ଦିଅନ୍ତୁ।
- ମିଶ୍ରଣ ଗୁଡ଼ିକ ବୋତଲରେ ଥଣ୍ଡା ହେଲା ପରେ ସିଲ୍ କରନ୍ତୁ।

**ଛତୁ ସସ୍**

ସାମଗ୍ରୀ :


| | |
|---|---|
| ଛତୁ - ୧ କେ.ଜି. | ଲଙ୍କାଗୁଣ୍ଡ - ୨୦ ଗ୍ରାମ |
| ଟମାଟୋ - ୫୦୦ ଗ୍ରାମ | ଜୀରାଗୁଣ୍ଡ - ୧୫ ଗ୍ରାମ |
| ପିଆଜ - ୨୦ ଗ୍ରାମ | ଗରମ ମସଲା - ୧୦ ଗ୍ରାମ |
| ରସୁଣ - ୧୫ ଗ୍ରାମ | ଆସେଟିକ ଏସିଡ୍ - ୧୦ ମି.ଲି. |
| ଅଦା - ୨୫ ଗ୍ରାମ | ସୋଡ଼ିୟମ ବେଞ୍ଜୋଏଟ୍ - ୧ ଗ୍ରାମ |
| ଚିନି - ୨୦୦ ଗ୍ରାମ | ଲୁଣ - ସ୍ୱାଦ ଅନୁଯାୟୀ |

- ପ୍ରଥମେ ଛତୁ ଓ ଟମାଟୋକୁ ଭଲ ଭାବରେ ଧୋଇ ଛୋଟ ଛୋଟ କାଟି ଅଳ୍ପ ପାଣି ଦେଇ ସିଝାନ୍ତୁ।
- ସେଥିରେ ଅଦା, ପିଆଜ, ରସୁଣ କୁ ବାଟି ଗୋଟିଏ କପଡ଼ାରେ ବାନ୍ଧି ସିଝାଇବେ ଏବଂ ଶିଝି ଗଲାପରେ ତାକୁ ଛଣା ସାହାଯ୍ୟରେ ଛାଣି ସେହି ରସକୁ ପୁନର୍ବାର ଗରମ କରନ୍ତୁ।
- ୩ ଭାଗ ପାଣି କମିଗଲା ପରେ ଜିରାଗୁଣ୍ଡ, ଲଙ୍କାଗୁଣ୍ଡ ଏବଂ ଗରମ ମସଲା ଗୁଣ୍ଡ ପକାଇ ଘାଂଟି ଦିଅନ୍ତୁ।
- ଏସିଟିକ୍ ଏସିଡ୍ ଏବଂ ସୋଡ଼ିୟମ ବେଞ୍ଜୋଏଟ୍ ପକାଇ ଗୋଳାଇ ଗରମ ଅବସ୍ଥାରେ ବୋତଲରେ ଭର୍ତ୍ତି କରନ୍ତୁ।
- ଥଣ୍ଡା ହେଲାପରେ ବୋତଲକୁ ସିଲ୍ କରନ୍ତୁ।

❖❖❖

ପାଳ ଛତୁ ଚାଷ





ପଲିଥିନ୍ ଘରେ ପାଳ
ଛତୁ ଚାଷ

ପାଳ ଛତୁ ଚାଷ ତାଲିମ୍






ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର
















ଯୋଗାଯୋଗ :

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

ସ୍ଥାନ: ପଞ୍ଚମହଲା, ପୋ: ହୁଲୁରିସିଂହା, ଜିଲ୍ଲା: ଅନୁଗୋଳ-୭୫୯୧୩୨, ଓଡ଼ିଶା

ଦୂରଭାଷ : ୦୬୭୬୪-୨୧୧୯୫୭